# ଜମି ଅଧିଗ୍ରହଣ (ସଂଶୋଧନ) ବିଧେୟକ, ୨୦୦୭- ଏକ ସମୀକ୍ଷା

**ବିଦ୍ୟମାନ ଜମିଅଧିଗ୍ରହଣ ଆଇନ୍, ୧୮୯୪**

ସମସ୍ତେ ଜାଣନ୍ତି, ଓଡିଶା ସମେତ ଦେଶର ସମସ୍ତ ପ୍ରଦେଶରେ ସାର୍ବଜନୀନ ଉଦ୍ଦେଶ୍ୟରେ କିମ୍ବା ଏକ ଘରୋଇ କମ୍ପାନୀ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଇଂରେଜ ଶାସନ ଅମଳରେ ପ୍ରସ୍ତୁତ ହୋଇଥିବା ଜମି ଅଧିଗ୍ରହଣ ଆଇନ୍, ୧୮୯୪କୁ ଅନୁସରଣ କରି ଆସୁଛନ୍ତି । ବହୁ ସମାଲୋଚିତ ଏହି ଅଇନ୍‌ଟି ସ୍ୱାଧିନତା ପୂର୍ବରୁ ଏବଂ ପରେ ବହୁବାର କେନ୍ଦ୍ରୀୟ ସ୍ତରରେ ଓ ବିଭିନ୍ନ ରାଜ୍ୟମାନଙ୍କ ଦ୍ୱାରା ସଂଶୋଧନ ମଧ୍ୟ ହୋଇଛି; ସର୍ବଶେଷ ସଂଶୋଧନ ହୋଇଥିଲା ୧୯୮୪ରେ । ପୁଣି ୧୯୯୮ରେ ଏହାର ସଂଶୋଧନ ପାଇଁ ଏକ ବିଧେୟକ ପ୍ରସ୍ତୁତ ହୋଇଥିଲା, କିନ୍ତୁ ତାହା ବିଭିନ୍ନ କାରଣରୁ ଆଇନ୍‌ରେ ପରିଣତ ହୋଇପାରି ନଥିଲା । ନିକଟ ଅତୀତରେ ଓଡିଶା ସମେତ ଦେଶର ବିଭିନ୍ନ ଅଞ୍ଚଳରେ ରାଜ୍ୟ ସରକାରମାନେ 'ସାର୍ବଜନୀନ ଉଦ୍ଦେଶ୍ୟ'ର ଦ୍ୱାହି ଦେଇ ସାଧାରଣ ଲୋକଙ୍କ ଘରବାଡି ଓ କୃଷିଜମିକୁ ବିଭିନ୍ନ ଦେଶୀ-ବିଦେଶୀ ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ, ଏପରିକି ବଳପୂର୍ବକ ଭାବେ ଅଧିଗ୍ରହଣ କରିବାକୁ ଉଦ୍ୟମ କରିବାରୁ ଏହା ବିରୁଦ୍ଧରେ ସାରା ଦେଶରେ ଭୀଷଣ ଜନପ୍ରତିକ୍ରୟା ଦେଖାଦେଲା ଏବଂ ଏହାର ପରିଣାମ ସ୍ୱରୂପ, ଯେଉଁ ମୂଳ ଆଇନ୍ ବଳରେ ସରକାର ଏପରି ଜମି ଅଧିଗ୍ରହଣ କରିବାକୁ ସକ୍ଷମ ହେଉଛନ୍ତି, ତାହାର ମୌଳିକ ସଂଶୋଧନ କରିବା ପାଇଁ ବିଭିନ୍ନ ମହଲରୁ ଦାବୀ ଉଠିଲା । ପ୍ରଚଳିତ ଆଇନ୍ ବିରୁଦ୍ଧରେ ମୂଳତଃ ତିନୋଟି ଅଭିଯୋଗ ଉଠିଥାଏ; (୧) ଏହା ଘରୋଇ କମ୍ପାନୀର ସ୍ୱାର୍ଥକୁ ସାର୍ବଜନୀନ ସ୍ୱାର୍ଥ ବୋଲି ଦର୍ଶାଇଥାଏ, (୨) ଏହା କେବଳ ସଂପୃକ୍ତ ଭୂମି-ମାଲିକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବଜାର ଦରରେ ଆର୍ଥିକ କ୍ଷତିପୂରଣ ଦେଇଥାଏ, ଏବଂ ଭୂମିହୀନ ଓ ନାମମାତ୍ର ଜମିମାଲିକଗୋଷ୍ଠୀ, ଯେଉଁମାନେ କି ଗୋଟିଏ ଅଞ୍ଚଳର ସମୂହ ସମ୍ପଦ (ଆଇନ୍‌ର ପରିଭାଷାରେ ସରକାରୀ ଜମି) ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି, ସେମାନେ ବିନା କ୍ଷତିପୂରଣରେ ବିସ୍ଥାପନକୁ ବରଣ କରିଥାନ୍ତି, ଏବଂ (୩) ଏହା ଅଧୀନରେ ବିସ୍ଥାପିତ ପରିବାରମାନଙ୍କ ପୁନର୍ବାସ ଓ ପୁନଃସଂସ୍ଥାନର କୌଣସି ବ୍ୟବସ୍ଥା ସ୍ଥିରୀକୃତ ହୋଇନାହିଁ । ବର୍ତ୍ତମାନ ଆମେ ଦେଖିବା, ଗତ ଶୀତ ଅଧିବେଶନରେ ୩୦ ନଭେମ୍ବର ୨୦୦୭ରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ତରଫରୁ ସଂସଦରେ ପ୍ରସାରିତ ହୋଇଥିବା ଜମି ଅଧିଗ୍ରହଣ (ସଂଶୋଧନ) ବିଧେୟକ, ୨୦୦୭ କେତେଦୂର ଏହି ଅଭିଯୋଗଗୁଡିକର ପ୍ରତିକାର କରିପାରିଛି ।

**ପ୍ରସ୍ତାବିତ ବିଧେୟକରେ ଘରୋଇ କମ୍ପାନୀର ସ୍ଥିତି**

ପ୍ରଚଳିତ ଆଇନ୍‌ର ଦୀର୍ଘ ଶୀର୍ଷକ, ପ୍ରାକ୍-କଥନ ତଥା ବିଭିନ୍ନ ଧାରାଗୁଡିକରୁ 'କମ୍ପାନୀ' ଶବ୍ଦ ଉଠାଇ ନେବା ପାଇଁ ବିଧେୟକ ପ୍ରସ୍ତାବ କରିଥିବାରୁ ଆପାତତଃ ମନେ ହୋଇପାରେ, ସରକାର ଏଣିକି ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣ କରିବାକୁ ଚାହାଁନ୍ତି ନାହିଁ, କେବଳ ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରାଯିବ । କିନ୍ତୁ ଏହା ଏକ ମସ୍ତବଡ ଭ୍ରମ । ବିଧେୟକର ଧାରା-୫(୫)ରେ କୁହାଯାଇଛି ଯେ, ଯଦି ଜଣେ 'ବ୍ୟକ୍ତି' ନିଜର ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ମୋଟ୍ ଜମିର ଶତକଡା ୭୦ଭାଗ ସିଧାସଳଖ କିଣିପାରନ୍ତି, ଏବଂ ସେହି ପ୍ରକଳ୍ପ 'ସର୍ବସାଧାରଣ ହିତ' ସାଧନ କରୁଥିବ, ତେବେ ଏହି ପ୍ରକଳ୍ପ ପାଇଁ ବାକୀ ୩୦ଭାଗ ଜମିକୁ ସରକାର ଲୋକମାନଙ୍କ ଠାରୁ ଅଧିଗ୍ରହଣ କରିପାରିବେ, ଏବଂ ଏହା 'ସାର୍ବଜନୀନ ଉଦ୍ଦେଶ୍ୟ' ପାଇଁ ଅଭିପ୍ରେତ ବୋଲି ଧରାଯିବ । ଏକ ସ୍ପଷ୍ଟୀକରଣରେ କୁହାଯାଇଛି ଯେ, 'ବ୍ୟକ୍ତି' ଶବ୍ଦ ଭିତରେ ଏକ କମ୍ପାନୀ ବା ଯେ କୌଣସି ପ୍ରକାର ପଞ୍ଜିକୃତ ବା ଅପଞ୍ଜିକୃତ ସଂଗଠନ ଅନ୍ତର୍ଭୁକ୍ତ ହେବ । 'ସର୍ବସାଧାରଣ ହିତ'ର କୌଣସି ସଂଜ୍ଞା ଦିଆଯାଇନଥିବାରୁ ଏହା ସ୍ୱାଭାବିକ ଯେ, ସରକାର ନିଜେ ଚାହିଁବା ମତେ ଯେ କୌଣସି କମ୍ପାନୀର ଯେ କୌଣସି ପ୍ରକଳ୍ପକୁ 'ସର୍ବସାଧାରଣ ହିତ' ପାଇଁ ଉଦ୍ଦିଷ୍ଟ ବୋଲି ଦର୍ଶାଇପାରିବେ । ଏହାଛଡା, ବିଧେୟକର ଧାରା-୫(୬) ଅନୁଯାୟୀ ଯେ କୌଣସି ଭିତ୍ତି-ସଂରଚନା (ଇନ୍‌ଫ୍ରାଷ୍ଟ୍ରକ୍‌ଚର) ପ୍ରକଳ୍ପ ସାର୍ବଜନୀନ ଉଦ୍ଦେଶ୍ୟ ବୋଲି ବିବେଚିତ ହେବ, ତାହା ସରକାର କରନ୍ତୁ କି ଘରୋଇ କମ୍ପାନୀ କରନ୍ତୁ ।

**ସ୍ପଷ୍ଟୀକରଣ ଲୋଡା**

ପୁଣି ଏହି ବିଧେୟକ ଆଉ ଏକ ଗୁରୁତର ବିଭ୍ରାନ୍ତି ପାଇଁ ବାଟ ମୁକୁଳା କରିଯାଇଛି । ମୋଟ ଜମିର ସତୁରି ଭାଗ କହିଲେ ସରକାରୀ ଏବଂ ବେସରକାରୀ ଜମିର ମିଳିତ ପରିମାଣର ସତୁରି ଭାଗ ନା କେବଳ ମୋଟ୍ ବେସରକାରୀ ଜମିର ସତୁରିଭାଗ, ଏକଥା ବିଧେୟକ ସ୍ପଷ୍ଟ କରିନାହିଁ । ଚଳନ୍ତି ଘଟଣାକ୍ରମରୁ ଗୋଟିଏ ଉଦାହରଣ ଦେଲେ ଏହି ସମ୍ଭାବ୍ୟ ବିଭ୍ରାନ୍ତି ଯେ କେତେ ସାଂଘାତିକ, ତାହା ବୁଝାପଡିବ । ପୋସ୍କୋ କମ୍ପାନୀର ଉଦ୍ଦିଷ୍ଟ ଇସ୍ପାତ କାରଖାନା ଓ ବନ୍ଦର ପାଇଁ ଆବଶ୍ୟକ ହେଉଥିବା ମୋଟ୍ ୪୦୦୪ ଏକର ଜମି ଭିତରୁ ମାତ୍ର ଶତକଡା ୮ଭାଗ ହେଉଛି ବେସରକାରୀ ଜମି ଏବଂ ବାକୀ ଜମିସବୁ ସରକାରୀ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ-୩୬, ପୋସ୍କୋ ଇସ୍ପାତ କାରଖାନା ପାଇଁ ପାରିବେଶିକ ପ୍ରଭାବ ବିବରଣୀର ସାରାଂଶ, ୨୦୦୬) । ସରକାର ସ୍ୱ-ନିର୍ଦ୍ଧାରିତ ହାରରେ କମ୍ପାନୀକୁ ସରକାରୀ ଜମି ବିକ୍ରୀ କରିଦେବା ପାଇଁ ରାଜି ହୋଇଯାଇଛନ୍ତି ଏବଂ ଏଥିପାଇଁ କମ୍ପାନୀ ଠାରୁ ଅଗ୍ରୀମ ଅର୍ଥ ମଧ୍ୟ ଗ୍ରହଣ କରିସାରିଛନ୍ତି । ଆଇନ୍‌ଗତ ଦୃଷ୍ଟିରୁ ଏ ବାବଦରେ ଲୋକମାନେ କିଛି ଆପତ୍ତି ଉଠାଇବାର ପ୍ରଶ୍ନ ନାହିଁ । ଯଦି ବିଧେୟକର ପ୍ରସ୍ତାବକୁ ଆମେ ମାନି ନେବା, ତେବେ ଶତକଡା ୯୨ଭାଗ ଜମି ଅକ୍ତିଆର୍ କରିସାରିଥିବା ପୋସ୍କୋ ପ୍ରକଳ୍ପକୁ ଏକ 'ସାର୍ବଜନୀନ ଉଦ୍ଦେଶ୍ୟ' ଭିତ୍ତିକ ପ୍ରକଳ୍ପ ବୋଲି ସ୍ୱତଃ ବିଚାର କରାଯିବ ଏବଂ ବାକୀ ଥିବା ୮ଭାଗ ବେସରକାରୀ ଜମିକୁ ସରକାର ଚିରାଚରିତ ପନ୍ଥାରେ ଅଧିଗ୍ରହଣ କରିପାରିବେ, ଏବଂ ଏ ବାବଦରେ କମ୍ପାନୀ ଏବଂ ସ୍ଥାନୀୟ ଲୋକଙ୍କ ଭିତରେ ଜମିର ମୂଲ୍ୟକୁ କେନ୍ଦ୍ର କରି କୌଣସି ମୂଲଚାଲର ଅବକାଶ ରହିବ ନାହିଁ ।

## ଧୁଆ ମୂଳା, ଅଧୁଆ ମୂଳା ସବୁ ସମାନ

ପ୍ରଚଳିତ ଆଇନ୍ ସହିତ ପ୍ରସ୍ତାବିତ ବିଧେୟକର ଆଉ ଏକ ମୌଳିକ ପାର୍ଥକ୍ୟ ନଜରକୁ ଆସିଛି । ପ୍ରଚଳିତ ଆଇନ୍‌ରେ ଗୋଟି ଘରୋଇ କମ୍ପାନୀ ପାଇଁ ସରକାର ଜମି ଅଧିଗ୍ରହଣ କରିବାର ବ୍ୟବସ୍ଥା ସ୍ଥାନିତ ହୋଇଥିଲେ ହେଁ ଏଥିପାଇଁ ଯଥେଷ୍ଟ କଟକଣା ମଧ୍ୟ ପ୍ରାବ୍‌ଧାନିତ କରାଯାଇଛି । ରାଜ୍ୟ ସରକାର ଧାରା-୪ ଅଧୀନରେ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି କିମ୍ବା ଧରା-୬ ଅଧୀନରେ ଘୋଷଣା କଲାବେଳେ ସୁସ୍ପଷ୍ଟ ଭାଷାରେ ସୂଚାଇବେ, ଏହି ଜମି ଅଧିଗ୍ରହଣ କୌଣସି ସରକାରୀ ପ୍ରକଳ୍ପ ଅର୍ଥାତ୍ ସାର୍ବଜନୀନ ଉଦ୍ଦେଶ୍ୟରେ କରାଯାଉଛି ନା ଏକ ଘରୋଇ କମ୍ପାନୀ ଉଦ୍ଦେଶ୍ୟରେ କରାଯାଉଛି, ଏବଂ ଏହି ଦୁଇଟି ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣର ଭିନ୍ନଭିନ୍ନ ପ୍ରକ୍ରିୟା ମଧ୍ୟ ବିହିତ କରାଯାଇଛି । ଘରୋଇ କମ୍ପାନୀ ପାଇଁ ଜମି ଅଧିଗ୍ରହଣର ପ୍ରକ୍ରିୟା ଆଇନ୍‌ର ଅଧ୍ୟାୟ-୭(କମ୍ପାନୀସମୂହ ପାଇଁ ଜମି ଅଧିଗ୍ରହଣ)ରେ ସୂଚୀତ ହେବା ସହିତ ଏହି ଆଇନ୍‌ର ଧାରା-୫୫ ଅଧୀନରେ ବିହିତ ହୋଇଥିବା ଜମି ଅଧିଗ୍ରହଣ (କମ୍ପାନୀସମୂହ) ନିୟମାବଳୀ, ୧୯୬୩ରେ ବିସ୍ତାରିତ ଭାବେ ବର୍ଣ୍ଣିତ ହୋଇଛି । ଏହି ନିୟମାବଳୀର ନିୟମ-୪ରେ କୁହାଯାଇଛି ଯେ, ଜମି ପାଇଁ ଗୋଟିଏ କମ୍ପାନୀ ଆବେଦନ କଲେ, ସରକାର ପ୍ରଥମେ ସଂପୃକ୍ତ ଅଞ୍ଚଳର ଜିଲ୍ଲାପାଳଙ୍କ ଜରିଆରେ ଏକଥା ସୁନିଶ୍ଚିତ କରିବେ ଯେ, ସଂପୃକ୍ତ ଜମି 'ଉତ୍ତମ ଚାଷଜମି' ହୋଇନଥିବ, ଏବଂ ଏହି ଜମି ପାଇଁ କମ୍ପାନୀ ଉପଯୁକ୍ତ କ୍ଷତିପୂରଣ ଦେବାକୁ ରାଜି ଥିବେ । ଜିଲ୍ଲାପାଳଙ୍କ ରପୋର୍ଟ ତଥା ଆଗ୍ରହୀ ବ୍ୟକ୍ତିବିଶେଷଙ୍କର ଆପତ୍ତିଅଭିଯୋଗକୁ ବିଚାର ନକରି ସରକାର ଏକ କମ୍ପାନୀ ସପକ୍ଷରେ ଜମି ଅଧିଗ୍ରହଣ ପାଇଁ ଧାରା-୬ ଅଧୀନରେ କୌଣସି ଘୋଷଣା ଜାରି କରିପାରିବେ ନାହିଁ । ଆଇନ୍ ଏବଂ ନିୟମାବଳୀର ପ୍ରାବ୍‌ଧାନଗୁଡିକୁ ସାମଗ୍ରୀକ ଭାବେ ବିଚାରକୁ ନେଇ ସୁପ୍ରିମ୍ କୋର୍ଟ ନିକଟ ଅତୀତରେ ମତ ଦେଇଛନ୍ତି ଯେ, "ନିୟମ-୪ର ଅନୁପାଳନ କେବଳ ଧାରା ୬ ନୁହେଁ, ଏପରିକି ଧାରା ୪ ଅଧୀନସ୍ଥ  ବିଜ୍ଞପ୍ତି ଜାରି ହେବା ପୂର୍ବରୁ ସମାପ୍ତ ହୋଇଥିବା ଆବଶ୍ୟକ"(ଦ୍ରଷ୍ଟବ୍ୟ-ଅନୁଚ୍ଛେଦ ୪୫, ସୁପ୍ରିମ୍ କୋର୍ଟ ରାୟ, କେଶ୍ ନଂ ଅପିଲ୍- ସିଭିଲ୍, ୪୮୪୩/୨୦୦୭ ତା ୧୨/୧୦/୨୦୦୭) । କିନ୍ତୁ, ପ୍ରସ୍ତାବିତ ବିଧେୟକର ଧାରା-୨୧ ଏବଂ ଧାରା-୨୩ ଅନୁଯାୟୀ ପ୍ରଚଳିତ ଆଇନ୍‌ର ଯଥାକ୍ରମେ ଅଧ୍ୟାୟ-୭ ଏବଂ ନିୟମାବଳୀ-୧୯୬୩କୁ ସଂପୂର୍ଣ୍ଣଭାବେ ଉଚ୍ଛେଦ ହୋଇଥିବାରୁ 'ଧୁଆମୂଳା ଓ ଅଧୁଆମୂଳା, ସବୁ ସମାନ' ନ୍ୟାୟରେ ସାର୍ବଜନୀନ ଉଦ୍ଦେଶ୍ୟ ଓ କମ୍ପାନୀ ଉଦ୍ଦେଶ୍ୟ ଭିତରେ ଏଯାବତ୍ ରହିଥିବା ପାର୍ଥକ୍ୟକୁ ସଂପୂର୍ଣ୍ଣ ରୂପେ ହଟାଇଦିଆଯାଇଛି । ଅର୍ଥାତ୍, ଏହି ବିଧେୟକ ଯଦି ଆଇନ୍‌ରେ ପରିଣତ ହୁଏ, ତେବେ ସରକାର 'ସାର୍ବଜନୀନ ଉଦ୍ଦେଶ୍ୟ' ଥିବା ଗୋଟିଏ ପ୍ରକଳ୍ପ (ଯଥା, ପ୍ରତିରକ୍ଷା, ରେଲ୍‌ଲାଇନ୍, ବନ୍ୟାନିୟନ୍ତ୍ରଣ ପ୍ରକଳ୍ପ ଇତ୍ୟାଦି) ପାଇଁ ଯେତିକି ତତ୍ପରତା ସହକାରେ ଜମିଅଧିଗ୍ରଣ କରିବେ, ଠିକ୍ ସେତିକି ତତ୍ପରତା ଦେଖାଇବେ ଗୋଟିଏ ଘରୋଇ କମ୍ପାନୀ ପାଇଁ ଲୋକଙ୍କ ଠାରୁ ଜମି ଅଧିଗ୍ରହଣ ପାଇଁ ।

## ଅନ୍ୟାନ୍ୟ ବ୍ୟବସ୍ଥା

ଆଶା କରାଯାଉଥିଲା, ଅନାବାଦୀ ବା ସରକାରୀ ଜମିକୁ ଭୋଗଦଖଲ କରିଆସୁଥିବା ଭୂମିହୀନ ଓ ଗରୀବ ପରିବାର, ଯେଉଁମାନେ କି ଗୋଟିଏ ସରକାରୀ କି କମ୍ପାନୀ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥାନ୍ତି, ସେମାନଙ୍କ ପାଇଁ ବିଧେୟକରେ କିଛି ବ୍ୟବସ୍ଥା ରହିବ । ପୁଣି କେବଳ ଆର୍ଥିକ କ୍ଷତିପୂରଣ ଭିତରେ ସୀମିତ ନରହି ଏହା ସବୁବର୍ଗର ବିସ୍ଥାପିତ ପରିବାରମାନଙ୍କ ପାଇଁ ସାମଗ୍ରୀକ ଥଇଥାନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ । କିନ୍ତୁ ଏ ବିଷୟ ସମ୍ବନ୍ଧରେ ବିଧେୟକ ସଂପୂର୍ଣ୍ଣ ନୀରବ ରହିଥିବା ବେଳେ ଏହାକୁ ଆଉ ଏକ ସମକାଳୀନ ବିଧେୟକ 'ଜାତୀୟ ପୁନଃସଂସ୍ଥାନ ଏବଂ ପୁନର୍ବାସ ବିଧେୟକ-୨୦୦୭'ର ପରିସର ଭିତରକୁ ଠେଲି ଦିଆଯାଇଛି, ଯାହାକି ସ୍ବତନ୍ତ୍ର ଭାବେ ପ୍ରଣିଧାନଯୋଗ୍ୟ । ବର୍ତ୍ତମାନ ମୂଳ ଆଇନ୍‌ର ଧାରା ୨୩(୧) ଅନୁଯାୟୀ ଅଧିଗୃହୀତ ଜମି ପାଇଁ କ୍ଷତିପୂରଣର ପରିମାଣ ମୂଳତଃ ଧାରା-୪(୧)ରେ ବିଜ୍ଞପ୍ତି ଜାରି ହେବା ତାରିଖରେ ସରକାରଙ୍କ ନିର୍ଦ୍ଧାରିତ 'ବଜାରମୂଲ୍ୟ' ଭିତ୍ତିରେ ଧାର୍ଯ୍ୟ ହୋଇଥାଏ । ଆଶା କରାଯାଉଥିଲା, ଗୋଟିଏ ପ୍ରକଳ୍ପ ଘୋଷିତ ହେଲା ପରେ ନିକଟସ୍ଥ ଜମିର ମୂଲ୍ୟ ଯେପରି ବହୁଗୁଣିତ ବୃଦ୍ଧି ଘଟିଥାଏ, ତାକୁ ହିଁ ଭିତ୍ତି କରି ମୂଲଚାଲ ଜରିଆରେ ଅଧିଗୃହୀତ ଜମି ପାଇଁ କ୍ଷତିପୂରଣ ଧାର୍ଯ୍ୟ କରାଯିବ ବୋଲି ବିଧେୟକ ବ୍ୟବସ୍ଥା କରିବ । କିନ୍ତୁ ବିଧେୟକର ଧାରା-୧୩ ଅନୁଯାୟୀ ସେହି ପୁରୁଣା ବ୍ୟବସ୍ଥାକୁ ହିଁ ମୋଟାମୋଟି କାଏମ୍ ରଖାଯାଇଛି, କେବଳ ଧାରା ୨୩(୨)ରେ ଥବା ଅନୁକମ୍ପାମୂଳକ ପରିମାର୍ଣକୁ ଶତକଡା ୩୦ରୁ ୬୦କୁ ବୃଦ୍ଧି କରାଯାଇଛି । ପୂର୍ବରୁ ସିଭିଲ୍ କୋର୍ଟରେ କ୍ଷତିପୂରଣ ମୋକଦ୍ଦମାଗୁଡିକ ଦୀର୍ଘକାଳ ଧରି ଅମୀମାଂସିତ ହୋଇ ପଡିରହୁଥିବାର ବିକଳ୍ପ ଭାବେ ବିଧେୟକ ଧାରା-୧୭ ଅଧୀନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ କୋର୍ଟ ପରିବର୍ତ୍ତେ ବିବାଦ ମୀମାଂସା କର୍ତ୍ତୃପକ୍ଷ ସ୍ଥାପନା କରିବାର ପ୍ରସ୍ତାବ ଦେଇଛି । କିନ୍ତୁ ସୁନିର୍ଦ୍ଦିଷ୍ଟ ସମୟସୀମା  ପରିବର୍ତ୍ତେ କୁହାଯାଇଛି ଯେ, ଏହି କର୍ତ୍ତୃପକ୍ଷମାନେ ଚେଷ୍ଟା କରିବେ ଏକ ବିବାଦ ସମ୍ବନ୍ଧରେ ସୂଚୀତ ହେବାର ୬ମାସ ମଧ୍ୟରେ ଏହାକୁ ଫଇସଲା କରିବା ପାଇଁ ।

## ଏକ ସଘନ ଜନବିତର୍କ ଆବଶ୍ୟକ

ଆମେ ଲକ୍ଷ୍ୟ କଲେ, ଯେଉଁ ଉଦ୍ଦେଶ୍ୟରେ ଇଂରେଜ-ପ୍ରଣୀତ ଜମି ଅଧିଗ୍ରହଣ ଆଇନ୍, ୧୮୯୪କୁ ପ୍ରତ୍ୟାହାର ବା ସଂଶୋଧନ ପାଇଁ ଦାବୀ ଉଠୁଥିଲା, ତାହା ବର୍ତ୍ତମାନର ବିଧେୟକ, ୨୦୦୭ ଦ୍ୱାରା ପରିପୂରଣ ହେବା ସନ୍ଦେହଜନକ । ତେଣୁ ଏହି ବିଧେୟକ ଉପରେ ଜାତୀୟ ସ୍ତରରେ ଜନବିତର୍କ ହେବା ଜରୁରୀ । କିନ୍ତୁ କ୍ଷୋଭର ବିଷୟ, ସାଂସଦ ଶ୍ରୀ କଲ୍ୟାଣ ସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ସଂପୃକ୍ତ ସଂସଦୀୟ କମିଟି ଏହି ବିଧେୟକ ତଥା ଜାତୀୟ ପୁନଃସଂସ୍ଥାନ ଓ ପୁନର୍ବାସ ବିଧେୟକ, ୨୦୦୭ ଉପରେ ଜନମତ ଆହ୍ୱାନ୍ କରିବା ପାଇଁ ମାତ୍ର ୧୨ଦିନର ସମୟ (୩ ରୁ ୧୫ ଜାନୁଆରି, ୨୦୦୮) ଦେଇଥିଲେ ଏବଂ ତାହା ପୁଣି କେବଳ ପ୍ରେସ୍ ଇନ୍‌ଫର୍ମେସନ୍ ବ୍ୟୁରୋର ୱେବ୍‌ସାଇଟ୍‌ରେ ବିଜ୍ଞାପନ ମାଧ୍ୟମରେ । ଏବେ ସୁଦ୍ଧା ଦେଶର ସାଧାରଣ ଜନତା ଦୂରର କଥା, ଆଗଧାଡିର ସଚେତନ ନାଗରିକମାନେ ମଧ୍ୟ ଏହି ବିଧେୟକ ବିଷୟରେ ଜାଣି ପାରିନାହାନ୍ତ. ମନ୍ତବ୍ୟ ଦେବାର ପ୍ରଶ୍ନ ଉଠୁନି । ସୁତରାଂ ଯଦି କେନ୍ଦ୍ର ସରକାର ପ୍ରକୃତରେ ଏହି ଦୁଇଟି ବିଧେୟକକୁ ଲୋକାଭିମୁଖୀ ରୂପ ଦେଇ ପ୍ରଣୟନ କରିବାକୁ ଚାହାନ୍ତି, ତେବେ ସମସ୍ତ ଗଣମାଧ୍ୟମରେ ଏ ବିଷୟରେ ବ୍ୟାପକ ସୂଚନା ପ୍ରସାରଣ କରନ୍ତୁ ଏବଂ ମତାମତ ପଠାଇବା ପାଇଁ ଅନ୍ୟୁନ ତିନିମାସ ସମୟ ଦିଅନ୍ତୁ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt- 2nd Feb. 2008**